# କପିଳାସରେ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ

- ସ୍ୱଚ୍ଛତା ଅଭିଯାନ ସ୍ଲୋଗାନରେ ସୀମିତ
- ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର
- ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ



ଢେଙ୍କାନାଳ,୧୩।୧୧(ରତନ ନାୟାର)

ରାଜ୍ୟ ତଥା ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଅବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି । ଜିଲାରେ ସ୍ୱଚ୍ଛତା ଅଭିଯାନ କେବଳ ସ୍ଲୋଗାନରେ ସୀମିତ ବୋଲି ମତପ୍ରକାଶ ପାଇଛି । ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠ କପିଳାସକୁ ଅଣଦେଖା କରି ଅବହେଳିତ କରି ପକାଇବା ଘଟଣାରେ ତୀବ୍ର ପ୍ରତିବାଦ କରି ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଜିଲା କାର୍ଯ୍ୟାଳୟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । କପିଳାସର ଅବ୍ୟବସ୍ଥାଗୁଡିକ ସମ୍ପର୍କରେ ସଂଘର ଜିଲା ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ ଓ ସମ୍ପାଦକ ସତ୍ୟସ୍ୱରୁପ ଦାସ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ଏହିଅବସରରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି ମଧ୍ୟ ଉପସ୍ଥିତ ଥିଲେ । ଘନ, ଜଙ୍ଗଲ ପାହାଡ଼ଘେରା ସବୁଜିମା ପରିବେଶରେ କପିଳାସ ଠାରେ ପ୍ରତିଷ୍ଠିତ ଦ୍ୱାଦଶ ଶତାବ୍ଦୀର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉ ମହାଦେବଙ୍କ ପୀଠ ଢେଙ୍କାନାଳ ଜିଲା ସମେତ ସମଗ୍ର ରାଜ୍ୟର ଏକ ପ୍ରମୁଖ ଶୈବପୀଠ । କିନ୍ତୁ ଦୁଃଖର ବିଷୟ ଯେ, ବର୍ତ୍ତମାନ ଏହି ଶୈବପୀଠକୁ ଦେଖିଲେ ଯେପରି ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉ ଅନାଥ ହୋଇ ପଡିଛନ୍ତି ବୋଲି ମନେହୁଏ । କପିଳାସ ପୀଠର ଅଚଳାଚଳ ସମ୍ପତି ଥିବାବେଳେ ଦେବୋତ୍ତର ବିଭାଗ, ଜିଲା ପ୍ରଶାସନ ଓ ଜନପ୍ରତିନିଧିମାନଙ୍କର ଦୁର୍ବଳ ମାନସିକତା ଯୋଗୁଁ ଢେଙ୍କାନାଳବାସୀଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କପିଳାସ ପୀଠ ଆଜି ଅବହେଳିତ । ସମ୍ମାନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଆହ୍ୱାନରେ ସମଗ୍ର ଦେଶ ଏବଂ ରାଜ୍ୟରେ ସ୍ୱଚ୍ଛତାର ଆହ୍ୱାନ ଦିଆଯାଉଥିବାବେଳେ କପିଳାସ ପୀଠ ପରିସରକୁ ଦେଖିଲେ ଆମେ ସ୍ୱଚ୍ଛତା ବଜାୟ ରଖିବାରେ କେତେ ସଫଳ ତାହା ସ୍ପଷ୍ଟ ଅନୁମେୟ । ପବିତ୍ର କାର୍ତ୍ତିକ ମାସ ଓ ପଞ୍ଚୁକ ଅବସରରେ ଲକ୍ଷାଧିକ ଭକ୍ତ ସମାଗମ ହେଉଛନ୍ତି । ପୀଠ ପରିସରରେ କୁଢ କୁଢ ଅଳିଆ ଆବର୍ଜନା ଗଦା ହୋଇ ପରିବେଶକୁ ଦୂଷିତ କରୁଛି । ପୀଠ ମଧ୍ୟ ଦେଇ ବୋହିଯାଇଥିବା ପ୍ରାକୃତିକ ଝରଣା ମଧ୍ୟ ପ୍ରଦୂଷିତ । ମନ୍ଦିର ପରିସରକୁ ଝାଡୁ କରାଯାଉନଥିବା ବେଳେ ଅଳିଆ ଆବର୍ଜନା ଯୋଗୁଁ ଦୁର୍ଗନ୍ଧରେ ନାକ ଫାଟୁଛି । ସେହିପରି ଠାକୁରଙ୍କ ନୀତିକାନ୍ତି ମଧ୍ୟ ଠିକ୍ ଭାବରେ ହେଉନାହିଁ । ପାହାଚ ରାସ୍ତା ଅପରିଷ୍କାର ହୋଇପଡିଛି । ଶିଉଳି ହୋଇଥିବା ଯୋଗୁଁ ପାହାଚ ରାସ୍ତାରେ ଶ୍ରଦ୍ଧାଳୁମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ପୀଠ ପରିସରରେ ଦୀର୍ଘଦିନ ହେଲା ଗଛ ଉପୁଡି ପଡିଥିବା ବେଳେ ଏହାକୁ ଉଠାଯାଉ ନାହିଁ । ବାରବାଙ୍କ ଘାଟି ରାସ୍ତାର ଆଲୋକୀକରଣ କରାଯାଇଥିଲେ ମଧ୍ୟ କୌଣସି ଗୋଟିଏ ବିଦ୍ୟୁତ୍ ଖୁଣ୍ଟରେ ଆଲୋକ ଜଳୁନାହିଁ । ପୀଠରେ ଏକ ଅନୁଷ୍ଠାନ ପକ୍ଷରୁ ବଡ ଜେନେରେଟର ବସାଯାଇଥିଲେ ମଧ୍ୟ ତେଲ ଅଭାବରୁ ଜେନେରେଟର ଚାଲୁନାହିଁ । ସେହିପରି ସିସି ଟିଭି କ୍ୟାମେରା ମଧ୍ୟ କାମ କରୁନାହିଁ ଶ୍ରଦ୍ଧାଳୁମାନେ ପୀଠ ସଂପର୍କରେ ଜାଣିବା ପାଇଁ ଉପରେ ଲାଗିଥିବା ଏଲ୍ଇଡି. ଟିଭି ବନ୍ଦ ହୋଇପଡିଛି । ଦାୟିତ୍ୱରେ ଥିବା ଜିମାଦାର ନିୟମିତ ରହୁନାହାଁନ୍ତି ପୀଠ ସଂପର୍କରେ ମାସକୁ ମାସ କୌଣସି ସମୀକ୍ଷା ହେଉନାହିଁ । ପ୍ରତ୍ନତତ୍ୱ ବିଭାଗ ପକ୍ଷରୁ ମୁଖ୍ୟ ମନ୍ଦିର ଗର୍ଭଗୃହ ଉନ୍ନତୀକରଣ କାର୍ଯ୍ୟ ହୋଇଥିଲେ ମଧ୍ୟ ଅଳ୍ପଦିନରେ ମନ୍ଦିର ଭିତରେ ପାଣି ଗଳିଲାଣି । ମା' ପାର୍ବତୀ ମନ୍ଦିର ମରାମତି ଅଭାବରୁ ବିପଦ ସଙ୍କୁଳ ହୋଇପଡିଛି, ବର୍ଷା ସମୟରେ ମା' ଭିଜୁଛନ୍ତି । ବାରମ୍ବାର ଦାବି ପରେ ମଧ୍ୟ କପିଳାସ ପୀଠ ପାଇଁ ଜଣେ ସ୍ୱତନ୍ତ୍ର ଦେବୋତ୍ତର ଅଧିକାରୀ ବା ସହକାରୀ ଦେବୋତ୍ତର ଅଧିକାରୀ ନିଯୁକ୍ତି କରାଗଲା ନାହିଁ । ଚଳିତ ବର୍ଷ ନିଲାମ ଦିଆଯାଇନଥିବା ବେଳେ ମଧ୍ୟ ବେଆଇନ୍ ଭାବେ ପୀଠ ତଳେ ଓ ମନ୍ଦିର ନିକଟରେ ଭକ୍ତଙ୍କ ଠାରୁ ଜୁଲୁମ୍ କରି ପାର୍କିଂ ଆଦାୟ କରାଯାଉଛି । ପ୍ରତିବାଦ ଓ ଅଭିଯୋଗ କରିବା ପରେ ମଧ୍ୟ ଦେବୋତର ଅଧିକାରୀମାନେ କର୍ଣ୍ଣପାତ କରୁନାହାଁନ୍ତି। ଢେଙ୍କାନାଳରୁ କପିଳାସକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ମରାମତି କାମ ଦୀର୍ଘଦିନରୁ ଆରମ୍ଭ ହୋଇଥିଲେ ମଧ୍ୟ କାର୍ତ୍ତିକ ମାସ ସରିବାକୁ ବସିଲାଣି, ଏହା ଶେଷହୋଇ ପାରିଲା ନାହିଁ । କପିଳାସ ପୀଠରେ ବହୁଳ ସମସ୍ୟା ନେଇ ଜିଲା ସାମ୍ବାଦିକ ସଂଘ, ଢେଙ୍କାନାଳ ପକ୍ଷରୁ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାର ତୁରନ୍ତ ସମାଧାନ କରି ମନ୍ଦିର ପରିସରକୁ ଏକ ସୁନ୍ଦର ପରିବେଶରେ ପରିଣତ କରିବା ସହିତ ପ୍ରାଚୀନ ଐତିହ୍ୟ କୀର୍ତିରାଜିର ସୁରକ୍ଷା କରିବା ନିମନ୍ତେ ଜିଲାପାଳଙ୍କୁ ଲିଖିତ ଭାବେ ଦାବି ଜଣାଇଛନ୍ତି । ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଯଦି ଏ ସମ୍ପର୍କରେ କୌଣସି ପଦକ୍ଷେପ ନିଆନଗଲା ତେବେ ଜିଲା ସାମ୍ବାଦିକ ସଂଘ ଆହ୍ୱାନରେ ଢେଙ୍କାନାଳ ଜିଲାର ସ୍ୱାଭିମାନ ପ୍ରତୀକ ତଥା ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ କପିଳାସ ପୀଠ ସୁରକ୍ଷା ଦାବିରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ ଜଣାଇଛନ୍ତି । ଏହି ଧାରଣାରେ ଜିଲା ଓକିଲ ସଂଘ, ଜିଲା ବଣିକ ସଂଘ ଓ ଢେଙ୍କାନାଳର ସମସ୍ତ ନାଗରିକଙ୍କୁ ସାମିଲ୍ କରିବା ପାଇଁ ନିବେଦନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଲେ ଯେ, ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳଙ୍କ ସହ ଆଲୋଚନା କରି ଆମେ ପଦକ୍ଷେପ ଗ୍ରହଣ କରିବୁ । ଏହି ଦାବିପତ୍ର ପ୍ରଦାନ ବେଳେ ଅଭୟ ସାହୁ, ରାଜଶ୍ରୀ ଶତପଥୀ, ଅରବିନ୍ଦ ସାହୁ, ବିନୋଦ ମହାନ୍ତି, ଗଙ୍ଗାଧର ରାଉତ, ଦୀପକ ନାୟକ, ଲକ୍ଷ୍ମୀକାନ୍ତ ସାହୁ, ବିକାଶ ପଣ୍ଡା, ଦେବାଶିଷ ମିଶ୍ର, ନାରାୟଣ ପଟ୍ଟନାୟକ, ଶିଶିର ଶତପଥୀ, ଆଶିଷ ଶତପଥୀ, ଆଶୁତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତାକଡ଼ରେ ପଡିଛି ପୁଳାପୁଳା ଔଷଧ



ଢେଙ୍କାନାଳ,୧୩।୧୧(ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର ବିରାଡିଆଠାରେ ବୁଧବାର ରାସ୍ତା କଡ଼ରେ ଏବଂ ଏକ ପୋଲ ତଳେ ଶତାଧିକ ଔଷଧ ପ୍ୟାକେଟ୍ ଓ ସିରପ୍ ପଡ଼ିଥିବା ଦେଖାଦେଇଛି। ଏଗୁଡିକ ନିରାମୟ ଯୋଜନାରେ ସରକାରୀ ଚିକିତ୍ସାଳୟଗୁଡ଼ିକୁ ଯୋଗାଣ କରାଯାଇଥାଏ। ଫଳରେ ସରକାରୀ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ମାଗଣାରେ ଔଷଧ ପାଇପାରନ୍ତି । କିନ୍ତୁ ଏତେ ସଂଖ୍ୟାରେ ଔଷଧ କିପରି ରାସ୍ତାକଡ ଏବଂ ପୋଲତଳେ ପଡିଲା ଏବଂ କିଏ ଏହାକୁ ପକାଇଛି, ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଔଷଧ ପ୍ୟାକେଟରେ ଆଇରନ ଓ ଫୋଲିକ ଏସିଡ୍ ଲେଖାଯାଇଛି । ସରକାରୀ ଔଷଧ ଲୋକଙ୍କୁ ଦିଆ ନ ଯାଇ ଏଗୁଡିକ ଏକ୍ସପାରୀ ହେବାପରେ ଫିଙ୍ଗି ଦିଆଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରି କହିଛନ୍ତି। ପ୍ୟାକେଟ୍ ଗୁଡିକରେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ ଜରିଆରେ ବିନା ମୂଲ୍ୟରେ ଔଷଧ ବିତରଣ କାର୍ଯ୍ୟକ୍ରମ ନିରାମୟ ଲେଖାଥିବା ଦେଖାଯାଇଛି । ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ନିରାମୟ ଲେଖାଅଛି ମାନେ ତାହା ଆମର ଚିକିତ୍ସାଳୟର ଔଷଧ ବୋଲି ଜଣାପଡିଛି। ଏକ୍ସପାରି ଔଷଧକୁ ଡମ୍ପିଂ କରିବା ପାଇଁ ରାଜ୍ୟ ସରକାର ଏକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏହାକୁ ଡମ୍ପିଂ ପାଇଁ ନେଲାବେଳେ ହୁଏତ ପଡିଯାଇଥାଇପାରେ ବୋଲି ଆମେ ଭାବୁଛୁ। ତଥାପି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ପାଇଁ ବେଲଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କୁହାଯାଇଛି । ତଦନ୍ତ ରିପୋର୍ଟ ମିଳିବା ପରେ ତାହା ସ୍ପଷ୍ଟ କରିହେବ ।

## ଦୁର୍ଘଟଣାରେ ଜଣେ ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ପରଜଙ୍ଗ,୧୩।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ପିତିରି ଛକ ନିକଟରେ ବୁଧବାର ସକାଳେ ଏହ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ପିତିରି ପଞ୍ଚାୟତ ଖାଲପାଳ ଗ୍ରାମ ଦଳିତସାହିର ଭୀମ ନାଏକଙ୍କ ପୁଅ ଭୋଳେଶ୍ୱର (୪୦) ବାଇକ୍‌ରେ ପରଜଙ୍ଗ ଦିଗକୁ ଆସୁଥିବା ବେଳେ ରାଜପଥ ଉପରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ଭୋଳେଶ୍ୱର ଭାରସାମ୍ୟ ହରାଇ ଜାତୀୟ ରାଜପଥ ୫୩ ରାସ୍ତା ପାର୍ଶ୍ୱରେ ଅର୍ଦ୍ଧ ନିର୍ମିତ ଡ୍ରେନ ଭିତରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଡ୍ରେନ ଭିତରୁ ଭୋଳେଶ୍ୱରଙ୍କୁ ଉଦ୍ଧାର କରି ଉପରକୁ ଆଣିବା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ପରିବାର ଓ ଗ୍ରାମବାସୀ ଖବର ପାଇ ପିତିରି ଛକରେ ସକାଳ ସାଢ଼େ ୧୦ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାଜପଥ ଉପରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ କରିଥିଲେ । ପରଜଙ୍ଗ ପୋଲିସ ଓ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କ୍ଷତିପୂରଣ ଦେବାକୁ ସେମାନେ ଅଡ଼ି ବସିଥିଲେ । ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ଯୋଗୁଁ ଏହିଭଳି ଦୁର୍ଘଟଣା ଦୈନନ୍ଦିନ ଘଟୁଛି। ଠିକାସଂସ୍ଥା ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଥିବା ବେଳେ ଠିକାସଂସ୍ଥାର କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସିବା ପରେ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ୧. ୮୦ ଲକ୍ଷ ଟଙ୍କା ଦିଆଯାଇଥିଲା। ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପରଜଙ୍ଗ ମେଡ଼ିକାଲକୁ ପଠାଇଥିଲେ।

## ପେନସନ ଅଦାଲତ ଓ ଅଭିଯୋଗ ସମାଧାନର ସମୀକ୍ଷା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କାନାଳ,୧୩।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ପୁରୁଣା ଜିଲା ପରିଷଦ ହଲ ପରିସରରେ ବୁଧବାର ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ ପେନସନ ଅଦାଲତ ଏବଂ ଅଭିଯୋଗ ସମାଧାନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ସତ୍ୟ ରଞ୍ଜନ ସାହୁ, ସ୍କୁଲ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର, ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ଅତିରିକ୍ତ ସଚିବ ବବିତାରାଣୀ ଦଳବେହେରା ଯୋଗ ଦେଇଥିଲେ । ଅବସରଗ୍ରହଣ ପରେ ପରିବାର ଭରଣ ପୋଷଣ ପାଇଁ ପେନସନ ନିତ୍ୟାନ୍ତ ଆବଶ୍ୟକ ଥିବାରୁ ଅଧିକାରୀ ମାନେ ପେନସନ ପ୍ରଦାନକୁ ନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ବିଭିନ୍ନ କାରଣରୁ ସ୍ଥଗିତ ରହିଥିବା ସମସ୍ତ ପେନସନ ସମ୍ପର୍କିତ ଅଭିଯୋଗକୁ ଯଥାଶିଘ୍ର ସମାଧାନ କରି ପେନସନ ପ୍ରଦାନ କରିବାର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅବସରରେ ବିଭିନ୍ନ କାରଣ ଯୋଗୁ ପେନସନ ପାଇନଥିବା ୨୪୫ ଅଭିଯୋଗର ବ୍ୟକ୍ତି ବିଶେଷ ଓ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ୧୦ଦିନ ମଧ୍ୟରେ ପୁନଃ ବିଚାର କରି ପେନସନ ପ୍ରଦାନ କରିବା ପାଇଁ ଅଧିକାରୀମାନେ କହିଥିଲେ । ସେହିପରି ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ଜନ ଶୁଣାଣି ପୋର୍ଟାଲ, ସିପିଜିଆରଏଏମ୍ଏସ୍ ଓ ମୁଖ୍ୟମନ୍ତ୍ରୀ ଅଭିଯୋଗ ସେଲ ଅଧୀନରେ ରହିଥିବା ଅଭିଯୋଗଗୁଡିକର ଶୁଣାଣି କରିବାକୁ ଗୁରୁତ୍ୱ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଅଭିଯୋଗ ସେଲ ଅଧିନରେ ଥିବା ୨୫ଟି ଅଭିଯୋଗର ଗୁରୁତ୍ୱ ଦିଆଯାଇ ଏହାର ଦ୍ରୁତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାକି ପଡ଼ିଥିବା ସମସ୍ତ ଅଭିଯୋଗର ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଡେପୁଟି କଣ୍ଟ୍ରୋଲର(ଆକାଉଣ୍ଟ) ଜ୍ୟୋତିରେଖା ଦାସ, ଡେପୁଟି କଲେକ୍ଟର ବିନିତା ଦାସ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାରଣରୁ ପେନସନ ପାଉନଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଅଭିଯୋଗ ସମାଧାନ ନିମନ୍ତେ ଶୁଣାଣି କରିଥିଲେ ।

## ବିବେକାନନ୍ଦ ବକ୍ତୃତାମାଳା

ଢେଙ୍କାନାଳ, ୧୩।୧୧ (ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖା ତରଫରୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ମଧ୍ୟମ ସମ୍ବାଗ ଉଦବୋଧନୀ ପରିଷଦ ସଭାପତି ଅଟଳ ବିହାରୀ ଦାଶଙ୍କ ସଭାପତିତ୍ୱରେ ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଚିତ୍ତରଞ୍ଜନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଜୀବନ ସଦସ୍ୟା ସୁଶ୍ରୀ କାଦମ୍ବରୀ ମହାକୁଡ ସ୍ୱଦେଶ ମନ୍ତ୍ର ପାଠ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସମୀର କୁମାର ସାହୁ। ସଭାପତି ଦାଶ କହିଥିଲେ ବିବେକାନନ୍ଦ ଯୁବପିଢ଼ି ତାଙ୍କ ଆଦର୍ଶକୁ ଜାଣିବା ଉଚିତ। ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଭବାନୀ ଶଙ୍କର ମିଶ୍ର ଯୋଗଦେଇ ବିବେକାନନ୍ଦଙ୍କ ବିଚାରଧାରା, ବାଣୀ ଓ ଆଦର୍ଶ ଉପରେ ଦୀର୍ଘ ଏକ ଘଣ୍ଟା ଧରି ବକ୍ତବ୍ୟ ପ୍ରଦାନ କରିଥିଲେ। ସତ୍ୟ ପ୍ରତି ସମ୍ମାନ ବୋଧ, ମଣିଷକୁ ଭଲ ପାଇବା, ଦରିଦ୍ର ନାରାୟଣ ସେବା, ଅମୃତରୁ ଅମୃତତର ସନ୍ଧାନର ଅନ୍ୱେଷଣ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ବିପିନ ବିହାରୀ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିର୍ମଳା ମହାପାତ୍ର, ଡଃ ସୁଚେତା ମିଶ୍ର, ଡଃ କବିତା ମହାନ୍ତି, ପ୍ରଭାତ ନଳିନୀ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିଶ୍ୱଜିତ ଶତପଥୀ, ଭୀମସେନ ମାଝୀ, ନରହରି ମହାନ୍ତ, ସୁବ୍ରତ ଜେନା, ଆଶୁତୋଷ ଶତପଥୀ, ବିକାଶ ଚନ୍ଦ୍ର ସାହୁ, ବିକାଶ ଚନ୍ଦ୍ର ମଲ୍ଲିକ, ସୁଇଟି ସିଂ, ସ୍ମୃତିରେଖା ପଣ୍ଡା, ସ୍ମିତାଲି ବେହେରା, ରୋଜାରାଣୀ ବେହେରାଙ୍କୁ ନେଇ ଉଦ୍‌ବୋଧନୀ ଯୁବ ପରିଷଦ ଗଠିତ ହୋଇଥିଲା।




ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବ୍ଲକସ୍ତରୀୟ ନୂତନ କନିଷ୍ଠ ଶିକ୍ଷକ ସଂଘ ଗଠିତ




କାମାକ୍ଷାନଗର , ୧୩।୧୧ (ସୁଧୀର କୁମାର ପରିଡ଼ା)

କାମାକ୍ଷାନଗର ବ୍ଲକସ୍ତରୀୟ ନୂତନ କନିଷ୍ଠ ଶିକ୍ଷକ ସଂଘ ଗଠିତ ହୋଇଛି । ସ୍ଥାନୀୟ ଆଲତୁମା ସରକାରୀ ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ସଂଘ ସଭାପତି ରାଜେଶ କୁମାର ସାହୁଙ୍କ ନେତୃତ୍ୱରେ କାମାକ୍ଷାନଗର କନିଷ୍ଠ ଶିକ୍ଷକ ସଂଘ ଗଠନ କରାଯାଇଛି। ସଭାପତି ଭାବେ ସର୍ବସମ୍ମତିରେ ସୁବ୍ରତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଭାବେ ସୁଶ୍ରୀ ଶ୍ରାବଣୀ, ଉପସଭାପତି ଭାବେ ରୋଜାଲିନ ବିଶ୍ୱାଳ, ସଂପାଦକ ଭାବେ ଅମିତ ମଲ୍ଲିକ, ସହ ସମ୍ପାଦକ ଭାବେ ଚିନ୍ମୟୀ ସାହୁ, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର ନାୟକ, ବର୍ଷାରାଣୀ ଖିଲାର ସହ ସମ୍ପାଦକ, ରୁଦ୍ରପ୍ରସାଦ ପତି ଗଣମାଧ୍ୟମ ସଂଯୋଜକ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ମାର୍ଗଦର୍ଶନ ମଣ୍ଡଳୀରେ ଶିକ୍ଷକ ନେତା ଯୁଧିଷ୍ଠିର ବିଶ୍ୱାଳ, ତରୁଣ କୁମାର ବେହେରା, ବିଷ୍ଣୁପ୍ରସାଦ ଦାଶ, ଦୁର୍ଗାପ୍ରସାଦ ତ୍ରିପାଠୀ, ବିଚିତ୍ରାନନ୍ଦ ଖଟୁଆ, ବ୍ୟୋମକେଶ ବେହେରା ଓ ରାଜେଶ କୁମାର ସାହୁ ମନୋନୀତ ହୋଇଥିଲେ। କାମାକ୍ଷାନଗର ନୂତନ ପେନସନଯୁକ୍ତ ଶିକ୍ଷକ ସଂଘ ସଭାପତି ବିଷ୍ଣୁପ୍ରସାଦ ଦାଶ ନବ ନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇ ସଂଘର ନୀତି ଆଦର୍ଶ ଉପରେ ଆଲୋକପାତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ମକର୍ତ୍ତା ପୃଥ୍ୱିରାଜ ପଟ୍ଟନାୟକ, ରାକେଶ ସାହୁ, ମଳୟ ସାହୁ, ଆଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାମାକ୍ଷାନଗର ନୂତନ ପେନସନଯୁକ୍ତ ଶିକ୍ଷକ ସଂଘ ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀ କନିଷ୍ଠ ଶିକ୍ଷକ ସଙ୍ଘର ସମସ୍ତ ନୂତନ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନ୍ଦିପୁର ଆଞ୍ଚଳିକ ମହିଳା ସଂକୀର୍ତ୍ତନ ସମାରୋହ



ଢେଙ୍କାନାଳ,୧୩।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମ ଶ୍ରୀରାମ ମନ୍ଦିର ଓ କାମନାକାଳୀଙ୍କ ମନ୍ଦିର ପରିସରରେ ପଞ୍ଚୁକ ଅବସରରେ ଗତ ସୋମବାରଠାରୁ ଆଞ୍ଚଳିକ ମହିଳା ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହେଉଅଛି । ପ୍ରଥମ ଦିବସରେ ତେନ୍ତୁଳିଆପଡା ଓ ଡେଙ୍ଗବୋରେଇ, ଦ୍ୱିତୀୟ ଦିବସରେ ଅସନବାହାଳି ଓ ପତଳା ମଧ୍ୟରେ ହୋଇଥିଲା । ବୁଧବାର କାଣ୍ଡବିନ୍ଧା ଓ ରସାସିଂହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁରୁବାର ନୁଆଗାଁ ଓ ରାଧାଦେଇପୁର ମଧ୍ୟରେ ପ୍ରତିଯୋଗିତାତ୍ମକ ସଂକୀର୍ତ୍ତନ ଅନୁଷ୍ଠିତ ହେବ ।

## ପରିବହନ ଓ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପ୍ରଦାନରେ ଅଣଦେଖା

- ଜିଲାପାଳଙ୍କ ସହ ଆଲୋଚନା
- ସମାଧାନ ନହେଲେ ରୁଙ୍ଗଟା କମ୍ପାନୀ ସମ୍ମୁଖରେ ଧରଣା



ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ଓ ଆଞ୍ଚଳିକ ଜମିହରା କ୍ଷତିଗ୍ରସ୍ତ ପ୍ରଜା ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କ ସହ ଆଲୋଚନା କରି ଫେରୁଛନ୍ତି।

ଢେଙ୍କାନାଳ,୧୩।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡବନ୍ଧସ୍ଥିତ ରୁଙ୍ଗଟା ମାଇନ୍ସ ଷ୍ଟିଲ କାରଖାନା ପକ୍ଷରୁ ପରିବହନ କାର୍ଯ୍ୟରେ ସ୍ଥାନୀୟ ଟ୍ରକମାଲିକଙ୍କୁ ସାମିଲ କରାନଯିବା ଏବଂ ସ୍ଥାନୀୟ ଓଡିଆ ଲୋକଙ୍କୁ ନିଯୁକ୍ତି ଦେବାରେ ଅବହେଳା ପ୍ରଦର୍ଶନ କରିବା ପ୍ରତିବାଦରେ କାରଖାନା ସମ୍ମୁଖରେ ବ୍ରାହ୍ମଣୀ ଟ୍ରକ ମାଲିକ ସଂଘ ଓ ଆଞ୍ଚଳିକ ଜମିହରା କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ବୁଧବାର ଆନ୍ଦୋଳନ ଡାକରା ଦିଆଯାଇଥିଲା । ଖବର ପାଇବା ପରେ ଜିଲାପାଳ ଉଭୟ ସଂଘକୁ ଆଲୋଚନା ପାଇଁ ବୁଧବାର ସକାଳେ ନିଜର ଆବାସିକ କାର୍ଯ୍ୟାଳୟଠାରେ ଡାକି ଏକ ବୈଠକରେ ଆଲୋଚନା କରିଥିଲେ । ଅଭିଯୋଗରୁ ଜଣାପଡିଛି ଯେ, ପରିବହନ କ୍ଷେତ୍ରରେ ସ୍ଥାନୀୟ ଟ୍ରକଗୁଡିକୁ କାର୍ଯ୍ୟରେ ଲଗାଯାଉ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ସେହିପରି ଜମିହରା ତଥା ସ୍ଥାନୀୟ ଲୋକମାନଙ୍କୁ କମ୍ପାନୀରେ ନିଯୁକ୍ତି ଦିଆ ନ ଯାଇ ଏଥିରେ ବାହାର ଲୋକଙ୍କୁ ଅଗ୍ରାଧିକାର ଦିଆଯାଉଛି ବୋଲି ଅଭିଯୋଗ ହୋଇଛି । ଏହାକୁ ନେଇ ଗତ ଅଗଷ୍ଟ ୨୪ ତାରିଖରେ ଉଭୟ ସଂଘ ପକ୍ଷରୁ ରୁଙ୍ଗଟା କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ପ୍ରଦାନ କରାଯାଇଥିଲା। ହିନ୍ଦୋଳ ଉପଜିଲାପାଳ, ଅତିରିକ୍ତ ଏସ୍‌ପିଙ୍କ ସମେତ କାରଖାନା କର୍ତ୍ତୃପକ୍ଷ ଏବଂ ଉଭୟ ସଂଘ ମଧ୍ୟରେ ଆଲୋଚନା ହୋଇ ସମସ୍ୟାର ସମାଧାନ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ୧୫ଦିନ ସମୟ ନେଇଥିଲେ। ୧୫ଦିନ ଯାଇ ସାଢେ ୩ମାସ ବିତିବା ପରେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ଏହାକୁ ନେଇ ଉଭୟ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା । ବୁଧବାର ସକାଳ ୯ଟାରେ ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘର ସଭାପତି ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ଆଞ୍ଚଳିକ ଜମିହରା କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଗଙ୍ଗାଧର ସାମଲ, ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ସମ୍ପାଦକ ବିଜୟ କୁମାର ଧଳ, ନରେନ୍ଦ୍ର ସାହୁ ଓ ନରୋତ୍ତମ ରାଉତ ପ୍ରମୁଖ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସମେତ ଆଲୋଚନା କରିଥିଲେ । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବା ପାଇଁ ଜିଲାପାଳ ୧୦ଦିନ ସମୟ ଦେଇଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ବ୍ରାହ୍ମଣୀ ଟ୍ରକ ମାଲିକ ସଂଘର ସଭାପତି ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କୁହନ୍ତି ଯେ, ୧୯୯୭ ମସିହାରେ ବ୍ରାହ୍ମଣୀ ଟ୍ରକ୍ ମାଲିକ ସଂଘ ପ୍ରତିଷ୍ଠା ହୋଇଛି । ୩ବର୍ଷ ଧରି ଏ ସମ୍ପର୍କରେ ଆମେ ରୁଙ୍ଗଟା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ । ଆମେ କହୁଛୁ ଯେ, ପାରାଦୀପରୁ ଯେଉଁ ମାଲ ପରିବାହନ ହେଉଛି, ଟ୍ରାନ୍ସପୋର୍ଟରମାନଙ୍କୁ ଯେଉଁ ରେଟ୍ ଦିଆଯାଉଛି, ସେହି ରେଟ୍ ଆମର ଟ୍ରକ ମାଲିକମାନଙ୍କୁ ଦିଆଯାଉ। ସେହିପରି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଉ । ଠିକାରେ ଯେଉଁ ସ୍ଥାନୀୟ ଲୋକ ନିଯୁକ୍ତି ପାଇଛନ୍ତି, ସେମାନଙ୍କୁ ସ୍ଥାୟୀ କରାଯାଉ। ଆମେ ଚାହୁଁଛୁ ଶିଳ୍ପ ବଞ୍ଚୁ ଏବଂ ଲୋକ ମଧ୍ୟ ବଞ୍ଚନ୍ତୁ । ପ୍ରଥମ କରି ଜିଲାପାଳ ଏହି ସମସ୍ୟାର ସମାଧାନ ଉପରେ ଆଲୋଚନା କରି କମ୍ପାନୀର ନିଷ୍ପତ୍ତି ଗ୍ରହଣ କରିପାରୁଥିବା ଅଧିକାରୀଙ୍କ ଉପସ୍ଥିତିରେ ଆମର ଉଭୟ ସଂଘ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ବାଟ କରିବେ ବୋଲି କହିଛନ୍ତି । ଏ ସମ୍ପର୍କରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଗଙ୍ଗାଧର ସାମଲ କୁହନ୍ତି ଯେ, ୨୦୨୨ ମସିହାରୁ ବର୍ତ୍ତମାନ ସୁଦ୍ଧା ଏହି ସମସ୍ୟାଗୁଡିକୁ ନେଇ ୭/୮ଥର ବୈଠକ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ହୋଇଛି । କମ୍ପାନୀ କର୍ତ୍ତୃପକ୍ଷ କେବଳ ସମୟ ନେଉଛନ୍ତି । କୌଣସି ସମସ୍ୟାର ସମାଧାନ ହେଉନି । କମ୍ପାନୀ ହୋଇଥିବା ଅଞ୍ଚଳରେ ଅଢେଇ ହଜାର ଏକର ଯାଇଛି । ସେଥିରେ ଅଧିକାଂଶ ଚାଷଜମି ରହିଛି । ଲୋକଙ୍କର ଆଶା ଥିଲା ଜମି ଦେବୁ, ନିଯୁକ୍ତି ପାଇବୁ । କିନ୍ତୁ ସବୁ ଆଶା ଧୂଳିସାତ୍ ହୋଇଯାଇଛି। ଏହି ଅଞ୍ଚଳରେ ୩୦୦ ଟ୍ରକରୁ ପରିବହନ ସୁବିଧା ନପାଇ ଦେଢଶହ ଟ୍ରକ୍ ବିକ୍ରି ହୋଇଗଲାଣି। ବାକି ଦେଢଶହ ଟ୍ରକ ମାଲିକମାନେ ଇଏମ୍ଆଇ ଓ ଋଣ ଶୁଝିନପାରି ସମସ୍ୟା ଭିତରେ ପଡ଼ି ରହିଛନ୍ତି । ପାରାଦୀପରୁ ମାଲ ଅଣାଯାଉଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଟ୍ରାନ୍ସପୋର୍ଟରମାନଙ୍କୁ ଯେଉଁ ରେଟ୍ ଦେଉଛନ୍ତି, ଆମେ ମଧ୍ୟ ସେହି ରେଟ୍ ମାଗୁଛୁ । ଅଧିକ ରେଟ୍ ମାଗୁନୁ । ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ଜିଲାପାଳ ଆମମାନଙ୍କୁ ଡାକି ଆଲୋଚନା କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛୁ । ସେ ୧୦ଦିନ ସମୟ ନେଇଛନ୍ତି । ୧୦ଦିନ ମଧ୍ୟରେ ଯଦି କୌଣସି ସମାଧାନ ନ ହେଲା, ତେବେ ଅଞ୍ଚଳବାସୀ କମ୍ପାନୀ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

**ବାଇକ୍ ଧକ୍କାରେ ନାବାଳକ ଗୁରୁତର**

ଛେଣ୍ଡିପଦା,(ଅଜିତ ଧଳ): ବାଗଡ଼ିଆ ଥାନା ଗଡ଼ମଣ୍ଡଳ ଛକଠାରେ ବୁଧବାର ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ବାଇକ୍‌କୁ ଅନ୍ୟ ଏକ ବାଇକ୍ ଧକ୍କାଦେବା ଫଳରେ ପାତ୍ରପଡ଼ା ଗ୍ରାମର ନାବାଳକ କାହ୍ନା ବେହେରା ଗୁରୁତର ହୋଇଛନ୍ତି। କାହ୍ନା ବାଇକ୍‌ରେ ପେଟ୍ରୋଲ ପକାଇବା ପାଇଁ ଏକ ଦୋକାନ ସମ୍ମୁଖରେ ଛିଡ଼ା ହୋଇଥିବାବେଳେ କର୍ଣ୍ଣପାଳ ଗ୍ରାମର ପାର୍ଥ ମାଝୀ ବାଇକ୍ ଯୋଗେ ବାଗଡ଼ିଆରୁ ଘରକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ପୋଲିସ କାହ୍ନାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିବା ସହ ବାଇକ୍ ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ଅଗ୍ରଗତି ପଥେ ବୈତରଣୀ-ପଶ୍ଚିମ କୋଇଲା ଖଣି କାର୍ଯ୍ୟ



- ସାମାଜିକ ଓ ଅର୍ଥନୈତିକ ଆକଳନ ଶେଷ ପର୍ଯ୍ୟାୟରେ
- ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ

ଅନୁଗୋଳ,୧୩।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଅଞ୍ଚଳର ବୈତରଣୀ-ପଶ୍ଚିମ କୋଇଲା ଖଣିରୁ କୋଇଲା ଉତ୍ତୋଳନ ପାଇଁ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି। ଦାୟିତ୍ୱ ନେଇଥିବା ଗୁଜରାଟ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଜିଏମ୍‌ଡିସି) ପକ୍ଷରୁ ସାମାଜିକ ଓ ଅର୍ଥନୈତିକ ଆକଳନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହିତ ଉକ୍ତ ଅଞ୍ଚଳରେ ଶିକ୍ଷାର ପ୍ରଗତି ନିମନ୍ତେ ଏକ ଉନ୍ନତମାନର ଇଂଲିଶ ମାଧ୍ୟମ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କମ୍ପାନୀ ପକ୍ଷରୁ ନିଷ୍ପତ୍ତି ହୋଇଥିବା କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

ବୈତରଣୀ-ପଶ୍ଚିମ କୋଇଲା ଖଣିରୁ କୋଇଲା ଉତ୍ତୋଳନ ଦାୟିତ୍ୱ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଖଣି ନିଗମ (ଓଏମସି)କୁ ଦିଆ ଯାଇଥିଲା। କୌଣସି କାରଣରୁ ଓଏମ୍‌ସି ଓହରି ଯିବାରୁ ଗତ ୨୦୨୩ ନଭେମ୍ବର ୭ ଠାରୁ ସମସ୍ତ ଅଧିକାର ନୀତିଗତ ଲାଇସେନ୍ସ ଓ ଆନୁସଙ୍ଗିକ ଅନୁମୋଦନ ଆଦି ଜିଏମ୍‌ଡିସିକୁ ହସ୍ତାନ୍ତର କରାଯାଇଥିଲା। ତେଣୁ ଜିଏମ୍‌ଡିସି କେନ୍ଦ୍ର ସରକାରଙ୍କ କୋଇଲା ଗଚ୍ଛିତ ଅଞ୍ଚଳ (ଅଧିଗ୍ରହଣ ଓ ଉନ୍ନୟନ) ଆଇନ, ୧୯୫୭ ଅନୁଯାୟୀ ଅଧିଗ୍ରହଣ କାର୍ଯ୍ୟକ୍ରମ ହାତକୁ ନେଇଛି। ଜିଏମ୍‌ଡିସିକୁ ବୈତରଣୀ-ପଶ୍ଚିମ କୋଇଲା ଖଣିରୁ କୋଇଲା ଉତ୍ତୋଳନର ସ୍ୱତ୍ୱାଧିକାର ମିଳିବା ପରେ ଅଧିକାରୀମାନେ ପ୍ରଭାବିତ ୭ଟି ଗ୍ରାମର ଗ୍ରାମ କମିଟି ସହ ଆଲୋଚନା କରି ସେମାନଙ୍କ ସହମତି କ୍ରମେ ପ୍ରତିଟି ପ୍ରଭାବିତ ଗ୍ରାମରେ ସର୍ବସାଧାରଣ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ କମ୍ପାନୀ ନିଜର ଆଭିମୁଖ୍ୟ ଓ ଯୋଜନା ଉପସ୍ଥାପନ କରିଥିଲା। ଇତିମଧ୍ୟରେ ପରିବେଶ ସମ୍ପର୍କିତ ଜନଶୁଣାଣି କାର୍ଯ୍ୟକ୍ରମ ଗତ ଅକ୍ଟୋବର ୨୪ରେ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜିଏମ୍‌ଡିସି ଅଧିକାରୀଙ୍କ କହିବା ଅନୁଯାୟୀ, ଇତିମଧ୍ୟରେ ପ୍ରାୟ ୩,୫୦୦ ପ୍ରଭାବିତ ପରିବାରଙ୍କ ସହମତି କ୍ରମେ ସାମାଜିକ ଓ ଅର୍ଥନୈତିକ ଆକଳନ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଉପନୀତ ହୋଇଛି। ଏହା ଭିତ୍ତିରେ ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତ କରାଯିବ। ନୂତନ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ଅଧିକୃତ ହେଉଥିବା ଜମିର ନ୍ୟାଯ୍ୟ ମୂଲ୍ୟ ପ୍ରଭାବିତ ୭ଟି ଗ୍ରାମର ଗ୍ରାମ୍ୟ କମିଟିକୁ ଲିଖିତ ଆକାରରେ ଜଣାଇ ଦିଆଯାଇଛି। ଏଥିସହିତ ବିସ୍ଥାପିତ ପରିବାରମାନଙ୍କୁ ମିଳିବାକୁ ଥିବା ବିଭିନ୍ନ ସୁବିଧା ସୁଯୋଗର ସୂଚନା ମଧ୍ୟ ଦିଆଯାଇଥିବା କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

# ନର୍ମଦେଶ୍ୱର ମନ୍ଦିର ବାର୍ଷିକ ଉତ୍ସବ

ପବିତ୍ରନଗର,୧୩।୧୧(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ଅର୍କୀଳ ଗ୍ରାମରେ ଥିବା ଶ୍ରୀଶ୍ରୀ ନର୍ମଦେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ନେଇ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। କଳସ ଯାତ୍ରା, ହୋମଯଜ୍ଞ, ନାମସଂକୀର୍ତ୍ତନ ଓ ପ୍ରସାଦସେବନ କାର୍ଯ୍ୟକ୍ରମ ହୋଇଥିଲା। ପୁରୋହିତ ରୁଦ୍ର ନାରାୟଣ ନନ୍ଦ ଓ ସହଯୋଗୀ ଯଜ୍ଞକାର୍ଯ୍ୟ ସମ୍ପାଦନା କରିଥିଲେ। କର୍ତ୍ତା ଭାବେ ପ୍ରଶାନ୍ତ କୁମାର ପ୍ରଧାନ, ସବିତା ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। କମିଟି ସଦସ୍ୟ କୈଳାସ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ, ଅନିରୁଦ୍ଧ ସାହୁ, ଗୋପବନ୍ଧୁ ସାହୁ, ଡମ୍ବରୁଧର ପ୍ରଧାନ, ଆର୍ତ୍ତତ୍ରାଣ ସାହୁ, ରବିଚନ୍ଦ୍ର ବେହେରା, ସୁଶାନ୍ତ ସାହୁ, ଦୁଃଖବନ୍ଧୁ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ପାଲଲହଡ଼ା ବିଧାୟକ ଅଶୋକ ସାହୁ ଓ ପୂର୍ବତନ ବିଧାୟକ ମୁକେଶ ପାଲ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାର୍ଷିକ ଉତ୍ସବରେ ଯୋଗଦାନ କରିଥିଲେ।

# ପରମ୍ପରା ବଜାୟ ରଖିବା ଉଦ୍ୟମକୁ ପ୍ରଶଂସା



ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୧୩।୧୧ (ଜ୍ୟୋତି ରଞ୍ଜନ ସାହୁ)

କଳାକାର ଅନୁଷ୍ଠାନ ପକ୍ଷରୁ ଅନୁଗୋଳ ସଭାଘର ଠାରେ ୩୯ ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କଳାକାର ସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିଥିଲେ। ଜିଲା ଓକିଲ ସଂଘ ସଭାପତି ଦିଲୀପ ସାହୁ ମୁଖ୍ୟ ଅତିଥି ଓ ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାରର ସଂସ୍କୃତି ପରମ୍ପରା ବଜାୟ ରଖିବାର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ଚୈତନ୍ୟ ସାହୁ, ପ୍ରତିଷ୍ଠାତା ସଭ୍ୟ ଶରତ ମାଝୀ, କି ବୋର୍ଡ ବାଦକ ଯୋଗେଶ୍ୱର ଦାସଙ୍କ ବିୟୋଗରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଡ. କୃଷ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର, ଇନ୍ଦିରା ଦାସ ଉପସ୍ଥିତ ଥିଲେ। ବିଚାରକ ଭାବେ ଓଡ଼ିଶୀ ନୃତ୍ୟଗୁରୁ ପୀତାମ୍ବର ବିଶ୍ୱାଳ, ଓଡ଼ିଶୀ ସଂଗୀତ ଗୁରୁ ଜୀବନାନନ୍ଦ ବରାଳ, ଶାସ୍ତ୍ରୀୟ ବାଦ୍ୟ ଗୁରୁ ସୌମ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। ପ୍ରଥମ ଦିନରେ ଆୟୋଜିତ ରଙ୍ଗଭରୋ, ଚିତ୍ରାଙ୍କନ, ଓଡ଼ିଶୀ ନୃତ୍ୟ, ଲଘୁ ନୃତ୍ୟରେ ବିଭିନ୍ନ ଅନୁଷ୍ଠାନର ୩ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡ. ବୈରାଗୀ ଚରଣ ମଲ୍ଲିକ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। କଳାକର ପରିବାରର ସମସ୍ତ ସଦସ୍ୟା ଓ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୂତନ ତହସିଲଦାରଙ୍କ ଯୋଗଦାନ



ଆଠମଲ୍ଲିକ,୧୩।୧୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ତହସିଲରେ ନୂତନ ତହସିଲଦାର ଭାବେ ପ୍ରସନ୍ନ ଟେଟେ ବୁଧବାର ଅପରାହ୍ନରେ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ତହସିଲଦାର ଭାବେ କାର୍ଯ୍ୟରତ ବିଡିଓ ସୌଭାଗ୍ୟ ବେହେରାଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ ତହସିଲଦାର ଟେଟେ ପୂର୍ବରୁ କୁଚିଣ୍ଡା ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, 'ଭାରପ୍ରାପ୍ତ ଅଧିକାରୀଙ୍କୁ ନେଇ ଚାଲିଛି ଉପଖଣ୍ଡ ପ୍ରଶାସନ' ଶୀର୍ଷକ ଖବର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ନୂତନ ଉପଜିଲାପାଳ ଓ ତହସିଲଦାର ଯୋଗଦାନ କରିଛନ୍ତି।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୫୬ ପଞ୍ଜୀକୃତ

ଆଠମଲ୍ଲିକ,୧୩।୧୧(ଉଦୀପ୍ତ ପୁରୋହିତ)



ଆଠମଲ୍ଲିକ ବ୍ଲକ ତରଫରୁ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ପ୍ରକାଶ କୁମାର ସାହୁ, ଏନ୍ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗ ଯଥା ଅସ୍ଥିଶଲ୍ୟ, ଚକ୍ଷୁ, ଏମ୍‌ଆର୍‌ସିସି, କାନ ନାକ ଗଳା ଓ ଶିଶୁ ବିଭାଗରେ ମୋଟ ୫୫୬ ଜଣ ନାମ ପଞ୍ଜୀକୃତ କରି ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଡା. ଜି. ଆର. ବିଶ୍ୱାଳ, ଡା. ପି. କେ. ମହାନ୍ତି, ଡା. ଦୀପକ ଗଡ଼ନାଏକ, ଡା. ଏନ. ପ୍ରଧାନ, ଡା. ଅଶୋକ କୁମାର ମଲ୍ଲିକ, ଡା. ରଶ୍ମିତା ଭଞ୍ଜଦେଓ ପ୍ରମୁଖ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ରଞ୍ଜନ ଦାଶ, ବ୍ଲକ କର୍ମଚାରୀ ପ୍ରିୟଦର୍ଶୀ ସାମଲଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଓ ଆଠମଲ୍ଲିକ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ୍‌ମାନେ ସହଯୋଗ କରିଥିଲେ। ଶେଷରେ ୨୪ ଭିନ୍ନକ୍ଷମଙ୍କୁ ବସ୍, ଟ୍ରେନ ପାସ୍, ୧୧ ଜଣଙ୍କୁ ଲୋନ୍, ୩ ଜଣଙ୍କୁ ୩ ଚକିଆ ସାଇକେଲ ବଣ୍ଟନ କରାଯାଇଥିଲା।

# ଉପଜିଲାପାଳଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା

ବଇଣ୍ଡା. ୧୩।୧୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଉପଜିଲାପାଳ ଭାବେ ଦିଲୀପ କୁମାର ବେହେରା ଯୋଗ ଦେଇଥିବା ବେଳେ ବୁଧବାର ଆଠମଲ୍ଲିକ ଅଞ୍ଚଳର ପଞ୍ଚଧାରା ଭେଟେରେନ୍ସ ଆସୋସିଏଶନର ଅବସରପ୍ରାପ୍ତ ସୈନିକମାନେ ତାଙ୍କୁ ବୁଧବାର ସ୍ୱାଗତ, ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ସଂଘ ମାଧ୍ୟମରେ ହୋଇଥିବା କାର୍ଯ୍ୟକ୍ରମ ଏବଂ ଭବିଷ୍ୟତରେ କିପରି କାର୍ଯ୍ୟକ୍ରମଗୁଡ଼ିକ ଆଗକୁ ବଢ଼ିବ ସେ ବିଷୟରେ ଉପଜିଲାପାଳଙ୍କ ସହିତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ମଧ୍ୟ ସେ ସହମତି ପ୍ରକାଶ କରିଥିଲେ। ସଂଘ ସଭାପତି ପ୍ରମୋଦ କୁମାର ପ୍ରଧାନ, ସମ୍ପାଦକ ସୁକାନ୍ତ କୁମାର ରଣା, ପ୍ରଶାନ୍ତ କୁମାର ସାହୁ, ଦିଲୀପ କୁମାର ପାତ୍ର, ବୈକୁଣ୍ଠ ନାଥ ପାତ୍ର, ଶ୍ୟାମ ସୁନ୍ଦର ତ୍ରିପାଠୀ ଏବଂ ସିଦ୍ଧେଶ୍ୱର ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



# ରାସଯାତ୍ରାରେ ବୁଲିଲେ ବିଧାୟକ

ଆଠମଲ୍ଲିକ,୧୩।୧୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ତଥା ରାସପଡ଼ିଆରେ ଅନୁଷ୍ଠିତ ରାସଯାତ୍ରାକୁ ବିଧାୟକ ନଳିନୀକାନ୍ତ ପ୍ରଧାନ ବୁଲି ଦେଖିବା ସହ ପ୍ରଭୁ ରାଧାକୃଷ୍ଣଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଏହାପରେ ବିଧାୟକ ମାହେଶ୍ୱରୀ ମନ୍ଦିର ଓ ରାସମଣ୍ଡପର ଉନ୍ନତୀକରଣ ପାଇଁ ରାସଯାତ୍ରା କମିଟି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ରାସଯାତ୍ରା କମିଟି ସଭାପତି ସବ୍ୟସାଚୀ ସିଂହ, ସମ୍ପାଦକ ରିତେଶ ସିଂହ, କୋଷାଧ୍ୟକ୍ଷ ଦୀନେଶ କୁମାର ସିଂହ, ସଭ୍ୟ ଜୁବିନ ଆର୍ଯ୍ୟବ୍ରତ ଷଡ଼ଙ୍ଗୀ, ସୁଧୀର ମହାପାତ୍ର, ମନୋରଞ୍ଜନ ନାଏକଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ବିଧାୟକଙ୍କୁ ସ୍ୱାଗତ କରିବା ସହିତ ପ୍ରଭୁ ରାଧାକୃଷ୍ଣ ଦର୍ଶନ କରାଇଥିଲେ।



# ଭାଷାଭିତ୍ତିକ ପୁସ୍ତକ ସମୀକ୍ଷା



ତାଳଚେର,୧୩।୧୧ (ମନୋଜ ନନ୍ଦ)

କଣିହାଁ ବ୍ଲକସ୍ଥିତ ଡିଏଭି ଏନ୍‌ଟିପିସି ଟାଉନଶିପ୍ ବିଦ୍ୟାଳୟ ପରିସରରେ ଭାଷା ଭିତ୍ତିକ ପୁସ୍ତକ ସମୀକ୍ଷା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ, ହିନ୍ଦୀ ଓ ଇଂଲିଶ ସାହିତ୍ୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପୁସ୍ତକ ଗୁଡ଼ିକର ସମୀକ୍ଷାକୁ ବିଶ୍ଳେଷଣ କରିବା ପାଇଁ ଗାଳ୍ପିକ ତଥା ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ଡକ୍ଟର କେ. କେ. ଆଚାର୍ଯ୍ୟ ଓ ଶ୍ରୀମାନ ବିଶ୍ୱମ ପ୍ରମୁଖ ଯୋଗଦାନ କରିଥିଲେ। ଡିଏଭି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ପୁସ୍ତକ ସମୀକ୍ଷାକୁ ଶିକ୍ଷାବିତ୍ ଗଣ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷାବିତ୍ ସାହୁ କହିଥିଲେ, ପରିବେଶ ମଧ୍ୟରେ ଘଟି ଯାଉଥିବା ବିଭିନ୍ନ ଘଟଣାକୁ ସାଧାରଣ ଭାବରେ ନ ଦେଖି ତାକୁ ଅନ୍ତଃଦୃଷ୍ଟିରେ ଦେଖିଲେ ବିଜ୍ଞାନ ଓ ସାହିତ୍ୟର ଝଲକ ତା ଭିତରେ ଦେଖି ପାରିବ। ଗାଳ୍ପିକ ସିଦ୍ଧି ପ୍ରସାଦଙ୍କ ରୁପା ଫରୁଆ ଗଳ୍ପ ସଂକଳନକୁ ଓଡ଼ିଆ ବିଭାଗ ମୁଖ୍ୟ ମାଣିକ ମଞ୍ଜରୀ, ସଂଗ୍ରାମ ପଥେ ପୁସ୍ତକକୁ ଅଧ୍ୟାପକ ଚିନ୍ମୟୀ ସାହୁ ଓ ଆଜିର ଅନୁଚିନ୍ତା ପୁସ୍ତକକୁ ଅଧ୍ୟାପକ ଅଜୟ ସାହୁ ପ୍ରମୁଖ ସମୀକ୍ଷା କରି ଉଚ୍ଚ ପ୍ରଶଂସା କରିଥିଲେ।

# କ୍ରିକେଟ ପ୍ରତିଯୋଗିତା ମାଧ୍ୟମରେ ସଚେତନତା

ଆଠମଲ୍ଲିକ, ୧୩।୧୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବନଖଣ୍ଡ ତରଫରୁ ଜଙ୍ଗଲ, ବନ୍ୟପ୍ରାଣୀ ଓ ବନାଗ୍ନି ପ୍ରତିରୋଧ ସୁରକ୍ଷାର ବାର୍ତ୍ତା ନେଇ କ୍ରୀଡ଼ା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ଏହି ଉପଲକ୍ଷେ ହରିଡ଼ାନାଳୀ ଖେଳ ପଡ଼ିଆରେ ଏକ କ୍ରିକେଟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଥିଲା। ଫାଇନାଲ ମ୍ୟାଚରେ ହରିହରପୁର ବନ ସୁରକ୍ଷା ସମିତି ଓ ଉପଖଣ୍ଡସ୍ତରୀୟ ମେଡିକାଲ କର୍ମଚାରୀମାନଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ହରିହରପୁର ବନ ସୁରକ୍ଷା ସମିତି ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ସନ୍ତୋଷ କୋପୁଲା, ଅନ୍ୟତମ ଅତିଥି ଭାବେ ଡିଏଫଓ (କେନ୍ଦୁପତ୍ର) ଜ୍ୟୋତି କୋଟା ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିବା ସହିତ ବନ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ଓ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ରେଞ୍ଜ ଅଧିକାରୀ ସୁନୀଲ କୁମାର ସାହୁ, ବନପାଳ ଆଲୋକ କୁମାର ମିଶ୍ର, ବନ କର୍ମଚାରୀ ରେବତୀ କାନ୍ତ ମିଶ୍ର, ବିଦ୍ୟାଧର ପାତ୍ର, ଧୀରେନ ଦୋରା, ସତ୍ୟଜିତ ପାତ୍ର, ଚନ୍ଦନ କର୍ଣ୍ଣ, ବିନୋଦ କର୍ଣ୍ଣ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




# ଧର୍ମପ୍ରାଣ ମହିଳାଙ୍କ ପରଲୋକ



ବଇଣ୍ଡା,୧୩।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମର ଧର୍ମପ୍ରାଣ ମହିଳା କମଳା ସାହୁଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସକାଳେ ଶୌଚ ସମୟରେ କମଳା ହୃଦ୍‌ଘାତର ଶିକାର ହୋଇଥିଲେ। ଖବରପାଇ ଅଞ୍ଚଳବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ବିଜୟ ସାହୁ, ଅଜୟ ସାହୁ ଓ ସଞ୍ଜୟ ସାହୁ, ଝିଅ କଳ୍ପନା ସାହୁଙ୍କ ସମେତ ବୋହୂ ଓ ନାତୁଣୀନାତି ଉପସ୍ଥିତ ଥିଲେ। ତାଙ୍କ ପରଲୋକକୁ ନେଇ ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ହିଙ୍ଗୁଳା ପୀଠରେ ୩୯ତମ ମହାଚଣ୍ଡୀ ଯଜ୍ଞ

ତାଳଚେର,୧୩।୧୧(ମନୋଜ ନନ୍ଦ)



ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ୫ଦିନ ବ୍ୟାପୀ ୩୯ତମ ମହାଚଣ୍ଡୀ ଯଜ୍ଞ ଆରମ୍ଭ ହୋଇଛି। ରବିବାର ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରା କରିଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ବନବିହାରୀ ଦାସ, ମିଳନ ଦାସ, ସୁଭାଷ ଚନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର, ସୁନୀଲ କୁମାର ରଥ, ଉତ୍ପଳ ତ୍ରିପାଠୀ, ସନ୍ଦେଶ ପାଣିଗ୍ରାହୀ, ଅଶ୍ୱିନ କୁମାର ମିଶ୍ର, ସୁଗ୍ରୀବ କର, ମୀନକେତନ ମିଶ୍ର, ବିଷ୍ଣୁ ପ୍ରସାଦ, ପବିତ୍ର ମୋହନ ନାଥ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଥିବାବେଳେ କର୍ତ୍ତା ଭାବେ ସଞ୍ଜୟ କୁମାର ସାହୁ ଓ ଅଞ୍ଜଳୀ ସାହୁ, ଲକ୍ଷ୍ମୀକାନ୍ତ ସାମଲ ଓ ସୁକନ୍ୟା ଖଣ୍ଡୁଆଳ, ଗୋବର୍ଦ୍ଧନ ସାହୁ ଓ ଭାରତୀ ସାହୁ, ଗଜେନ୍ଦ୍ର କୁମାର ସିଂହ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ସୋମବାର ସୂର୍ଯ୍ୟପୂଜା, ସର୍ବ ଦେବଦେବୀଙ୍କ ଆବାହନ ସହିତ ଗଣପତି, ଗାୟତ୍ରୀ ମହାଯଜ୍ଞ ହୋଇଥିବାବେଳେ ମଙ୍ଗଳବାର ଶ୍ରୀମଦ୍ ଗୀତା ମହାଯଜ୍ଞ ଏବଂ ବୁଧବାର ନବଗ୍ରହ ପୂଜା ସମ୍ପନ୍ନ ହୋଇଛି। ୧୫ ତାରିଖରେ ସପ୍ତସତୀ ମହାଚଣ୍ଡୀ ଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ। ଟ୍ରଷ୍ଟବୋର୍ଡ ସଦସ୍ୟ ଜଗନ୍‌ମୋହନ ଗଡ଼ନାୟକ, ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନଙ୍କ ସମେତ ଗୋପାଳପ୍ରସାଦ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ

ବଇଣ୍ଡା,୧୩।୧୧(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ମଙ୍ଗଳବାର ଭାଜପାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀସ୍ତରୀୟ ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ରମେଶ ଚନ୍ଦ୍ର ସାଏ, ଜିଲା ଭାଜପା ଉପସଭାପତି ଅର୍ଜୁନ କୁମାର ସାହୁ, ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁଦୀପ ଗଡ଼ନାୟକ, ବିଧାନସଭା ସଂଯୋଜକ ଡ. ଅଲେଖ ପ୍ରଧାନ, ରତ୍ନାକର ସାହୁ, ଭବାନୀ ଜ୍ୟୋତିଶରାୟଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ସଦସ୍ୟତା କିପରି ଅଧିକ ହେବ ସେ ନେଇ ସମସ୍ତ କର୍ମୀ ଧ୍ୟାନଦେବାକୁ ପରାମର୍ଶ ଦେବା ସହ ସମସ୍ତେ ଦଳ ପାଇଁ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ କରାଯାଇଥିଲା।

# ସହଯୋଗ ରହିଲେ ଗାଁ ପରମ୍ପରା ବଞ୍ଚି ରହିବ



ବଇଣ୍ଡା,୧୩।୧୧(ପରିକ୍ଷିତ ସାହୁ)

ଆଜିକାଲି ଲୋକେ ପୁରାତନ ସଂସ୍କୃତିକୁ ଭୁଲିବା ସହିତ ଧୀରେଧୀରେ ଏହା ଲୋପ ପାଇବାର ଆଶଙ୍କା ଦେଖାଦେଇଛି। ତେଣୁ ସମସ୍ତେ ଏକଜୁଟ ହୋଇ ସହଯୋଗ କଲେ ଗାଁ ପରମ୍ପରା ବଞ୍ଚିରହିବ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ବଇଣ୍ଡାଠାରେ ଅନୁଷ୍ଠିତ ହେଉଥିବା କାର୍ତ୍ତିକେଶ୍ୱର ପୂଜା ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ ଯୋଗଦେଇ ଦୀର୍ଘ ୬୫ବର୍ଷ ଧରି ଗ୍ରାମବାସୀ ଏହି ପୂଜା କରୁଥିବାରୁ କୃତଜ୍ଞତା ଜଣାଇବା ସହ ପରମ୍ପରା ବଞ୍ଚାଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଶିକ୍ଷାବିତ୍ ନରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗିରୀଶ ଚନ୍ଦ୍ର ବେହେରା ପରିଚାଳନା କରିଥିବାବେଳେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ନିତ୍ୟାନନ୍ଦ ବାରିକ, ରଞ୍ଜିତା ମିଶ୍ର, ଜିତେନ୍ଦ୍ର ବେହେରା, ଆର୍. ମିଶ୍ର ବିଚାରକ ଭାବରେ ଯୋଗଦେଇଥିଲେ।

